SAMBAD
ସମ୍ବାଦ
ମଙ୍ଗଳବାର, ଫେବ୍ରୁଆରି ୧୩, ୨୦୧୮

## ଆଇଆଇଟି, ଭୁବନେଶ୍ୱରରେ ୧୦ମ ପ୍ରତିଷ୍ଠା ଦିବସ

# ନିଜେ ନିଜର କ୍ଷେତ୍ର ବାଛ, ସେଥିରେ ଶ୍ରେଷ୍ଠ ହୁଅ: ମୁଖ୍ୟ ସଚିବ

ଭୁବନେଶ୍ୱର,୧୨/୨(ଇମିସ): "ପୂର୍ବ ଭଳି ଆଜି ପୁସ୍ତକ ପଠନ ଜ୍ଞାନାର୍ଜନର ଏକମାତ୍ର ମାଧ୍ୟମ ନୁହେଁ। ବର୍ତ୍ତମାନର ଜ୍ଞାନ ଜଗତରେ ନିଜେ ନିଜ ପାଇଁ ଏପରି ଅଭିନବ କ୍ଷେତ୍ର ଅନ୍ୱେଷଣ କର, ଯେଉଁଥିରେ ଶ୍ରେଷ୍ଠ ହୋଇପାରିବ।" ଆଜି ଆଇଆଇଟି, ଭୁବନେଶ୍ୱରର ୧୦ମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏହି ମର୍ମରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ।

ଆଇଆଇଟି, ଅରଗୁଳ ପରିସରରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟ ସଚିବ ଶ୍ରୀ ପାଢ଼ୀ କହିଲେ, ଏଭଳି ଯୁଗରେ ଡିଜିଟାଲ ତଥ୍ୟ ସମ୍ବନ୍ଧୀୟ ଗବେଷଣାର ଆବଶ୍ୟକତା ଅଧିକ, ଯାହାଫଳରେ ନୂଆ ବୈଷୟିକ ଜ୍ଞାନକୌଶଳ ଅବଲମ୍ବନ କରି ବୈଷୟିକ ଲକ୍ଷ୍ୟସ୍ଥଳରେ ଭାରତକୁ ସ୍ଥାପନ କରିହେବ। ଗତ ୧୦ ବର୍ଷରେ ଆଇଆଇଟିର ଅଭିବୃଦ୍ଧି ସଂପର୍କରେ ଏହାର ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜା କୁମାର କହିଲେ, ଏହାର ସିଟ୍ ସଂଖ୍ୟା ବର୍ତ୍ତମାନ ୧୬ ଶହ ଟପିସାରିଛି। ଖୁବଶୀଘ୍ର ଏହା ୩ ହଜାରରେ ପହଞ୍ଚିବ। ସାମୁଦ୍ରିକ ବ୍ୟବହାର ଉପରେ ଅଧିକ ଗବେଷଣା ପାଇଁ ଆଇଆଇଟି ତରଫରୁ ବ୍ରହ୍ମପୁରର ଲଡ଼ିଗାଁରେ କୋଷ୍ଟାଲ୍ ଅବର୍ଜଭେଟୋରି ଆରମ୍ଭ ହୋଇଥିବା ସେ କହିଥିଲେ।

ପଲିସି ଷ୍ଟଡିଜ, ନିର୍ଦ୍ଦେଶକ ସି. ଉଦୟ ଭାସ୍କର ରେଡ୍ଡୀ ତାଙ୍କ ବକ୍ତବ୍ୟରେ ଜାତୀୟ ନିରାପତ୍ତା ପ୍ରତି ଯୁବ ନାଗରିକମାନଙ୍କର କି କି ଅବଦାନ ରହିବା କଥା ସେ ସଂପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଶିକ୍ଷା, ସେବା, କ୍ରୀଡ଼ା, ନୃତ୍ୟ, କଳା, ଫଟୋଗ୍ରାଫି ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ନିମନ୍ତେ ମୁଖ୍ୟ ସଚିବ ଅଧ୍ୟାପକ, ଷ୍ଟାଫ, ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଆଇଆଇଟି ପରିସରରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଭି.ଆର. ପେଡିରେଡ୍ଡୀ ଧନ୍ୟବାଦ ଜଣାଇଥିଲେ।

## ଆଇଆଇଟି ଦଶମ ପ୍ରତିଷ୍ଠା ଦିବସ

# ପ୍ରଯୁକ୍ତି ବିଦ୍ୟାର ବିକାଶ ହେଲେ ଦେଶର ବିକାଶ ହେବ

ଜଟଣୀ, ୧୨।୨(ନି.ପ୍ର): 'ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ହେଲେ ଦେଶର ବିକାଶ ହେବ। ଏହାସହିତ ଆନ୍ତର୍ଜାତିକ ସ୍ତରରେ ଦେଶ ଆଲୋକିତ ହେବ ବୋଲି ଜଟଣୀ ଅରଗୁଳ ସ୍ଥିତ ଭୁବନେଶ୍ୱର ଆଇଆଇଟିର ଦଶମ ବାର୍ଷିକ ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କହିଛନ୍ତି।

ଆଇଆଇଟି ଅଡିଟୋରିଅମ ହଲ୍‌ରେ ଅନୁଷ୍ଠିତ ଏହି ଉତ୍ସବରେ ସେ କହିଥିଲେ,ପ୍ରଯୁକ୍ତି ବିଦ୍ୟାର ବିକାଶ ହେଲେ ସମାଜ ଓ ଦେଶର ବିକାଶ ହେବ। ଅନ୍ୟାନ୍ୟ କମ୍ପାନୀ ଭଳି ଆଇଆଇଟି ଅତ୍ୟାଧୁନିକ ଡାଟା ତିଆରି କଲେ ବ୍ୟବସାୟ କ୍ଷେତ୍ରରେ ବ୍ୟବସାୟୀ ଏବଂ ସାଧାରଣ ଗ୍ରାହକ ଉପକୃତ ହେବେ। ଜଳବାୟୁ ପରିବର୍ତ୍ତନ,ଇନ୍ଧନ ସମସ୍ୟା ଏବଂ



ପ୍ରଦୂଷଣ ଆଦି ସମସ୍ୟାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାରେ ଆଇଆଇଟି ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି.ରାଜକୁମାର ଆଇଆଇଟିର ବିକାଶମୂଳକ କାର୍ଯ୍ୟ ଓ ଶିକ୍ଷାଦାନ ସମ୍ପର୍କରେ ସୂଚନା ଦେଇଥିଲେ। ସୋସାଇଟି ଫର୍ ପଲିସି ଷ୍ଟଡିଜ୍‌ର ନିର୍ଦ୍ଦେଶକ ସି.ଉଦୟ ଭାସ୍କର ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। 'ଜାତୀୟ ସୁରକ୍ଷା ଏବଂ ଯୁବକଙ୍କ ଭୂମିକା' ଉପରେ ସେ ଆଲୋକପାତ କରିଥିଲେ। ଜାତୀୟ ସୁରକ୍ଷା ଓ ସଂହତି ରକ୍ଷା ପାଇଁ ପ୍ରତ୍ୟେକ ନାଗରିକ ଦାନ କରିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ।

ଆଇଆଇଟି ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଇଆଇଟି ପରିସରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଉପରେ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏଥିରେ ୧୦୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ୨୫ ଟି ସ୍କୁଲର ଛାତ୍ରଛାତ୍ରୀ ପ୍ରଦର୍ଶନୀ ବୁଲି ଦେଖିବା ସହିତ ଅନେକ ଅନୁଭୂତି ନେଇ ଫେରିଥିଲେ।

ଏହି ଅବସରରେ ଆଇଆଇଟିରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ଆଇଆଇଟି ପ୍ରଫେସର ଡ଼.ସି. ଭାମିଦିପତି, ଡ଼.କୌଶିକ ସାମନ୍ତ, ଡ଼.ଏ.ଭେନୁ ଗୋପାଳ, ଡ଼.କେ.ପି. ଏନ୍.ମୂର୍ତ୍ତି, ଡ଼.ଏସ.ମଣିକନ୍ଦନ, ପି.କେ.ସାହୁ, ସମ୍ବିତ ମହାନ୍ତି, କେ.ସାଇକିରଣ, ରମେଶ ଚନ୍ଦ୍ର ବିଶ୍ୱାଳ, ବିଶ୍ୱଜିତ୍ ପେଗୁ ଏବଂ ସୁନିତା ବର୍ମାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଫେସର ପି.ଆର. ପିଡି ରେଡି ଧନ୍ୟବାଦ ଦେଇଥିଲେ। ଆଇଆଇଟିର ରେଜିଷ୍ଟ୍ରାର ଦେବରାଜ ରଥ ଏବଂ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପ୍ରମେୟ
THE PRAMEYA

# 'ନୂଆ ଗବେଷଣା କରି ଉଦ୍ୟୋଗୀ ହୁଅନ୍ତୁ ଆଇଆଇଟିଆନ୍'



ଭୁବନେଶ୍ୱର,୧୨।୨(ବ୍ୟୁରୋ): ଛାତ୍ରଛାତ୍ରୀମାନେ କେବଳ ବହି ପଢ଼ିଲେ ହେବ ନାହିଁ। ନୂଆ ନୂଆ ଗବେଷଣା କରିବାକୁ ପଡ଼ିବ। ନୂଆ ଗବେଷଣା କରି ଛାତ୍ରଛାତ୍ରୀ ଷ୍ଟାର୍ଟ ଅପ୍ ଆରମ୍ଭ କରନ୍ତୁ। ଭୁବନେଶ୍ୱର ଆଇଆଇଟିର ଛାତ୍ରଛାତ୍ରୀଙ୍କୁ ଆଜି ଏହି ଭଳି ଆହ୍ୱାନ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ।

ସୋମବାର ଭୁବନେଶ୍ୱରର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ଦଶମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ କହିଛନ୍ତି, ଭୁବନେଶ୍ୱର ଆଇଆଇଟି ବିଶ୍ୱସ୍ତରୀୟ ଭିତ୍ତିଭୂମି ସୃଷ୍ଟି କରି ଜାତୀୟ ଓ ଅନ୍ତର୍ଜାତୀୟ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ନିଜର ସ୍ଥାନ ମଜବୁତ୍ କରିପାରିଛି। ଆମକୁ ଅଧିକରୁ ଅଧିକ ଡିଜିଟାଲ୍ ଡାଟା ବାବଦରେ ଗବେଷଣା କରିବାକୁ ପଡ଼ିବ। ନୂଆ ବୈଷୟିକ ଜ୍ଞାନ କୌଶଳ ବାହାର କରି ଡିଜିଟାଲ୍ କ୍ଷେତ୍ରରେ ମଜବୁତ୍ ହୋଇ ଦେଶକୁ ପ୍ରତିଷ୍ଠିତ ହେବାରେ ସହଯୋଗ କରନ୍ତୁ ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ଆଇଆଇଟିଆନମାନଙ୍କୁ ପରାମର୍ଶ ଦେଇଛନ୍ତି।

## ଆଇଆଇଟି ଭୁବନେଶ୍ୱରର ଦଶମ ପ୍ରତିଷ୍ଠା ଦିବସ
## ୨୦୨୦ରେ ଛାତ୍ରଛାତ୍ରୀ ସଂଖ୍ୟା ୩ହଜାର ଛୁଇଁବ

ନିର୍ଦ୍ଦେଶକ ପ୍ରଫେସର ରତ୍ନମ୍ ବରଦା ରାଜକୁମାର ଭୁବନେଶ୍ୱର ଆଇଆଇଟି ବାବଦରେ ସୂଚନା ଦେଇ କହିଲେ, ବର୍ତ୍ତମାନ ଭୁବନେଶ୍ୱର ଆଇଆଇଟିରେ ଛାତ୍ରସଂଖ୍ୟା ୧୬୬୪ରେ ପହଞ୍ଚିଛି। ଯାହା ୨୦୨୦ ବେଳକୁ ୩ ହଜାରରେ ପହଞ୍ଚିବ। ଭୁବନେଶ୍ୱର ଆଇଆଇଟିରୁ ପାସ୍ କରୁଥିବା ୯୫%ରୁ ଅଧିକ ଛାତ୍ରଛାତ୍ରୀ ନିଯୁକ୍ତି ପାଉଛନ୍ତି। ଏପରିକି କ୍ୟାମ୍ପସ୍‌ରେ ପ୍ରତିଷ୍ଠା ହୋଇଥିବା ଇନକ୍ୟୁବେସନ୍ ସେଣ୍ଟର୍ ବିଶ୍ୱସ୍ତରୀୟ ହୋଇଛି। ବ୍ରହ୍ମପୁରସ୍ଥିତ ଲଉଡ଼ିଗାଁରେ ଉପକୂଳବର୍ତ୍ତୀ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଯାହା ବଙ୍ଗୋପସାଗରରେ ବିଭିନ୍ନ ପରିବର୍ତ୍ତନ ଓ ଆଗାମୀ ସୂଚନା ପ୍ରଦାନ କରିବ ବୋଲି ଡ. ରାଜକୁମାର କହିଛନ୍ତି। ଏହା ବ୍ୟତୀତ ଭୁବନେଶ୍ୱର ଆଇଆଇଟି ସ୍ୱଚ୍ଛ ଶକ୍ତି, ଗ୍ରାମୀଣ ରାସ୍ତାର ଭିତ୍ତିଭୂମି ଉନ୍ନତି, ମହାକାଶ ପରିଚାଳନା ଓ ଜଳବାୟୁ ପରିବର୍ତ୍ତନ ଆଦି କ୍ଷେତ୍ରରେ ଉଚ୍ଚସ୍ତରୀୟ ଗବେଷଣା ଜାରି ରଖିଛି ବୋଲି ସେ କହିଛନ୍ତି। ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ପାଢ଼ୀ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୧୧ଜଣ ଛାତ୍ର, ଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଇଆଇଟି କୁଳସଚିବ ଦେବରାଜ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରଫେସର ଭି.ଆର୍ ପେଡିରେଡ୍ଡି ଧନ୍ୟବାଦ ଦେଇଥିଲେ।

ଅରଗୁଳସ୍ଥିତ ସ୍ଥାୟୀ କ୍ୟାମ୍ପସ୍‌ରେ ଏକ ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ଶତାଧିକ ପ୍ରକଳ୍ପ ପ୍ରଦର୍ଶିତ ହେବା ସହିତ ବହୁ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ଦେଖିବାକୁ ଆସିଥିଲେ। ଶେଷରେ ଖ୍ୟାତନାମା ନୃତ୍ୟଶିଳ୍ପୀ ସୁସ୍ମିତା ବାନାର୍ଜୀ କଥକ ନୃତ୍ୟ ଓ ଆଇଆଇଟିର ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

THE NEW INDIAN EXPRESS | ODIS
04 BHUBANESWAR TUESDAY 13.

# INNOVATE AND EXCEL: CHIEF SECY TO IITIANS

Develop new technology to bring a change in lives of people, says Aditya Prasad Padhi

**EXPRESS NEWS SERVICE**
@ Bhubaneswar

CHIEF Secretary Aditya Prasad Padhi on Monday called upon the students of Indian Institute of Technology (IIT), Bhubaneswar to focus on innovation and develop new technology to bring a change in the lives of the people.

Inaugurating a function organised to celebrate the 10th foundation day of the premier institute, Padhi said, "The present era is not the time of learning just from the books. Today one has to innovate something new and excel in that field. We have to cultivate digital data and adopt new technology for positioning India as a technology destination," he added.



Director of IIT-B, RV Raja Kumar said the intake capacity of the institution has crossed 1600 during the last two years and very soon it would reach 3000. The placement of the pass-outs has crossed 95 per cent. The institute has already set up a world class incubation centre and a state of art start up centre, he added.

The institute has also started a coastal observatory at Lodigaon near Berhampur to study the sea behaviour of the Bay of Bengal. It has also launched high-level research activities in the fields of clean energy, rural road infrastructure, virtual and augmented reality, foreign seek, space management and climate change, Kumar said.

Padhi felicitated faculty, staff members and students with excellence awards in various field like teaching, services, sports and athletics.

The Times of India
Dt: 13/2/2018



irds
ıke

TOI



in the third month after perature, sa-

,390 birds of s visited the inter. These aterfowls of 6 water-de- species. In sanctuary, ken shelter

## DIGEST

### Live wire kills jumbo in Angul

A tusker died of electrocution at Pana Bhuin near Badakantakula village under Bantala forest range in Angul district on Monday. "It is suspected that the tusker came in contact with a live wire laid illegally to hunt wild boars in the area. The tusker was electrocuted at 4pm," said a forest official. DFO (Angul territorial) V Karthik told TOI, "The tusker was aged about 25 to 26 years."

**Woman raped:** A 30-year-old physically-challenged woman was allegedly raped by a man in Machhakuta village under Chhendipada police station in Angul district, the police said on Monday. The accused, Artatrana Sethy has been apprehended.

**IIT BBS foundation day:** The IIT Bhubaneswar on Monday celebrated its 10th Foundation Day on its Argul campus near Jatni. Chief secretary Aditya Prasad Padhi and IIT BBS director R V Raja Kumar attended the function.

P2 OrissaPOST
TUESDAY | FEBRUARY 13 | 2018 | BHUBANESWAR
timeout



## AN INTERACTION

IIT-Bhubaneswar director RV Raja Kumar interacting with students at an exhibition held as part of the foundation day celebration of the institute

# April date for IIT relocation

ANWESHA AMBALY

**Bhubaneswar:** The Indian Institute of Technology (IIT), Bhubaneswar, plans to shift its entire set-up to its permanent campus at Argul on the outskirts of the city in the next two months.

Institute director R.V. Raja Kumar said during the 10th foundation day on Monday that construction on the campus was going on in full swing with an investment of more than Rs 1,000 crore.

"A part of the central administration in functioning from the city office. But it will shortly be shifted to the permanent campus. We have already shifted 90 per cent of its set-up," said the director.

The Union ministry of human resource development is funding construction of the new campus.

At present, the IIT functions from two sites in Bhubaneswar. Some parts of the institute's administrative block function from Toshali Bhavan at Satya Nagar, while the hostel and other schools function from its permanent campus at Argul.



**REWARD FOR MERIT: Chief secretary Aditya Prasad Padhi (left) gives away the excellence awards in various fields during the 10th Foundation Day of IIT, Bhubaneswar.**
Picture by Ashwinee Pati

On Monday, the institute also announced the introduction of an MTech course. Students can get enrolled in the five-year integrated programme in networking, cyber security, forensics, data analytics and machine intelligence programmes from July 2018.

The central government has sanctioned Rs 5 crore for getting some high-end equipment for mechanical and electronic science departments at the institute.

Chief secretary Aditya Prasad Padhi, who attended Monday's event as the chief guest, lauded the effort of IIT-Bhubaneswar in utilising state-of-the-art technology to address societal problems.

He emphasised on use of data for next generation economy and encouraged students to start indigenous technology-driven companies.

The foundation day lecture was delivered by security and strategic studies expert C. Uday Bhaskar on "National Security – The Role of the Youth".

He felt that it was the responsibility of every citizen to contribute to national security. He talked about the importance of maintaining national integrity. He also talked about role that a nation's security forces have to play to ensure the well being of its people, by giving various historical examples.

The lecture was followed by an Open Day on the campus from 11.30am to 5.30pm where school students from classes VIII to XII and engineering students from across the state took part.

More than 1,000 students from 25 schools and colleges took part at the programme.

IIT students also organised a science-and-technology exhibition to mark the occasion.

ପ୍ରତିବାଦୀ
+ ମଙ୍ଗଳବାର
+ ଫେବୃଆରୀ ୧୩, ୨୦୧୮

# ଆଇଆଇଟି ଭୁବନେଶ୍ୱର ଦଶମ ପ୍ରତିଷ୍ଠା ଉତ୍ସବ

**କଟଣୀ,ତା୧୨।୨(ପିଏନଏସ):** ଦେଶ ତଥା ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଠାରୁ ଆରମ୍ଭ କରି ଗବେଷଣା ପର୍ଯ୍ୟନ୍ତ ସବୁଥିରେ ଉତ୍କର୍ଷ ଲାଭ କରିବାରେ ସହାୟତା କରିବାକୁ ଆଇଆଇଟି ପ୍ରସ୍ତୁତ। ଏହି ଅନୁଷ୍ଠାନ ପାଇଁ କେନ୍ଦ୍ର ସରକାର ଆବଶ୍ୟକ ସହାୟତା ପ୍ରଦାନ କରୁଥିବା ବେଳେ ରାଜ୍ୟ ସରକାର ମଧ୍ୟ ପୂର୍ଣ୍ଣ ସହଯୋଗ କରୁଥିବା ବେଳେ ଧିରେ ଧିରେ ସମସ୍ତ କାର୍ଯ୍ୟ ଆଗେଇ ଚାଲିଥିବାର ଏହାର ନିର୍ଦ୍ଦେଶକ ଆର୍‌ଭି ରାଜାକୁମାର ପ୍ରକାଶ କରିଛନ୍ତି। ସୋମବାର ଭୁବନେଶ୍ୱର ଆଇଆଇଟିର ଦଶମ ପ୍ରତିଷ୍ଠା ଉତ୍ସବ ଅବସରରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ନିର୍ଦ୍ଦେଶକ ସୋସାଇଟ ଫର ପଲିସି ଷ୍ଟଡିସର ସି. ଉଦୟ ଭାସ୍କର, ଆଇଆଇଟି ପ୍ରଫେସର ଆର ଭି ରାଜାକୁମାର ଏବଂ ଭି ଆର ରେଡି ଯୋଗଦେଇଥିଲେ। ଆଗାମୀ ଦିନରେ ଏହି ସଂସ୍ଥା ଉନ୍ନତି କରିବା ସହ ବହୁବାଟକୁ ଅଗ୍ରଗତି କରିବ ବୋଲି ମୁଖ୍ୟ ସଚିବ ଶ୍ରୀ ପାଢ଼ୀ ପ୍ରକାଶ କରିଥିଲେ। ଏହି ସଂସ୍ଥା ସମାଜର ମଙ୍ଗଳ ଦିଗରେ ସର୍ବଦା ସମର୍ପିତ ହୋଇ ରହିବ। ପିଲାମାନେ ଆଇଆଇଟିରେ ପାଠପଢ଼ି ଦେଶର ବିକାଶରେ ସହାୟତା ଯୋଗାଇ ପାରିବେ। ଆଜିର ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କୁ ଉପଢ଼ୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଠାରେ ବିଭିନ୍ନ ବିଭାଗ ତରଫରୁ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଦର୍ଶନୀକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆସି ଦେଖିବାର ସୁଯୋଗ ପାଇଥିଲେ।



ଧରିତ୍ରୀ
DHARITRI
326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୧୩/୨୦୧୮

# ସମାଜ ପାଇଁ ବିଜ୍ଞାନକୁ ଉପଯୋଗ କରାଯାଉ

## ଆଇଆଇଟି ଭୁବନେଶ୍ୱରର ପ୍ରତିଷ୍ଠା ଦିବସ



ଅତିଥିମାନେ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

କଟଣୀ, ୧୨।୨(ଡି.ଏନ.ଏ.)

ଆଇଆଇଟି ଭୁବନେଶ୍ୱରର ୧୦ମ ପ୍ରତିଷ୍ଠା ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟପ୍ରସାଦ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜ କଲ୍ୟାଣରେ ବିଜ୍ଞାନ କିପରି ଅଧିକରୁ ଅଧିକ ଉପଯୋଗ କରାଯାଇ ପାରିବ ସେଥିପାଇଁ ଦୃଷ୍ଟିଦେବା ଆବଶ୍ୟକ ବୋଲି ଆଇଆଇଟି ବିଦ୍ୟାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ। ସମସ୍ତ କ୍ଷେତ୍ରରେ ବିଜ୍ଞାନର ଉନ୍ନତି ହୋଇଥିବାରୁ ଆନ୍ତର୍ଜାତିକ ସ୍ତରରେ ଭାରତ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି। ସଂଗୃହୀତ ତଥ୍ୟ ତଥା ପରିସଂଖ୍ୟାନ ଆଗାମୀ ପିଢ଼ିର ଅର୍ଥନୀତିରେ ବ୍ୟବହାର ଓ ନିଜସ୍ୱ ଜ୍ଞାନକୌଶଳ ଉପରେ ଗୁରୁତ୍ୱ ଦେବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଆଇଆଇଟି ଭୁବନେଶ୍ୱର ଆଗାମୀଦିନରେ ଦେଶର ଶ୍ରେଷ୍ଠତ୍ୱ ଲାଭ କରିବ ବୋଲି ପାଢ଼ୀ ଆଶାବ୍ୟକ୍ତ କରିଥିଲେ। ଆଇଆଇଟିର ନିର୍ଦ୍ଦେଶକ ଆର୍.ଭି. ରାଜାକୁମାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସୋସାଇଟି ଫର୍ ପଲିସି ଷ୍ଟଡିଜ୍‌ର ନିର୍ଦ୍ଦେଶକ ସି. ଉଦୟ ଭାସ୍କର ଯୋଗଦେଇଥିଲେ। ଆଇଆଇଟି ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ୧୦୦ରୁ ଅଧିକ ପ୍ରକଳ୍ପର ପ୍ରଦର୍ଶନୀକୁ ଅତିଥିଓ ସ୍କୁଲ୍ ଓ କଲେଜ ଛାତ୍ରଛାତ୍ର ବୁଲି ଦେଖିଥିଲେ। ତୃଣମୂଳସ୍ତରରେ ବିଜ୍ଞାନର ଜ୍ଞାନକୁ ପହଞ୍ଚାଇ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟ ନେଇ ଅନେକ ସମୟରେ ଓପନ୍ ହାଉସ୍ ନାମରେ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ଆଇଆଇଟି କ୍ୟାମ୍ପସ୍ ଖୋଲା ରଖାଯାଇଥାଏ ବୋଲି ନିର୍ଦ୍ଦେଶକ ରାଜାକୁମାର ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଆଇଆଇଟିର ଫାକଲଟି, ଷ୍ଟାଫ୍ ଓ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଆଇଆଇଟି ଡିନ୍ ପ୍ରଫେସର ଭି.ଆର୍. ପେଡ୍ଡିରେଡ୍ଡି, ରେଜିଷ୍ଟ୍ରାର ଦେବରାଜ ରଥ ଓ ଅନ୍ୟମାନେ ସହାୟତା କରିଥିଲେ। ଶେଷରେ ସୁସ୍ମିତା ବାନାର୍ଜୀଙ୍କ ଦ୍ୱାରା କଥକ ନୃତ୍ୟ ପରିବେଷିତ ହୋଇଥିଲା।